**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**9July– 2026**

## ଉପରାଷ୍ଟ୍ରପତି - ଭୁବନେଶ୍ୱର ଗସ୍ତ

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଆଜି ଓଡ଼ିଶା ଗସ୍ତରେ ଆସିବେ । ଏହି ଅବସରରେ ଉପରାଷ୍ଟ୍ରପତି ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟଠାରେ ଗଭୀର ସମୁଦ୍ରରୁ ମତ୍ସ୍ୟ ସଂପଦର ସ୍ଥାୟୀ ଉପଯୋଗ ପାଇଁ ମତ୍ସ୍ୟଜୀବୀଙ୍କୁ ପ୍ରାଧିକରଣ ପତ୍ର ବଣ୍ଟନ କରିବେ । ଏଥିସହ 'ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ'ର ଶୁଭାରମ୍ଭ କରିବେ । ଏହି ମାଛଧରା ମିଶନ କାର୍ଯ୍ୟକାରୀ ହେବା ଦ୍ୱାରା ରାଜ୍ୟର ମତ୍ସ୍ୟଜୀବୀମାନେ ସମୁଦ୍ରର ୩୭୦ କିଲୋମିଟର ସୀମା ମଧ୍ୟରେ ମାଛ ଧରିପାରିବେ ।

କାର୍ଯ୍ୟକ୍ରମରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହିବାର କାର୍ଯ୍ୟସୂଚୀ ରହିଛି ।

## ଗୋଦାବରୀଶ ବିଦ୍ୟାଳୟ-ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ଲୋକସେବା ଭବନଠାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସମୀକ୍ଷା କରିଛନ୍ତି । ବୈଠକରେ ଶ୍ରୀ ମାଝୀ ପ୍ରଥମ

ପର୍ଯ୍ୟାୟରେ ୨ହଜାର ୨୦୦ ଆଦର୍ଶ ବିଦ୍ୟାଳୟ ସ୍ଥାପନ ପାଇଁ ୨୦୨୭ ମସିହା ମାର୍ଚ୍ଚ ମାସ ସୁଦ୍ଧା ଜମି ଚିହ୍ନଟ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, କାର୍ଯ୍ୟର ଅଗ୍ରଗତି ପାଇଁ ଜିଲ୍ଲାପାଳମାନେ ପ୍ରତି ସପ୍ତାହରେ ଏହାର ତଦାରଖ କରିବା ସହ ଏକ ସାପ୍ତାହିକ ରିପୋର୍ଟ ପ୍ରସ୍ତୁତ କରିବେ । ମୁଖ୍ୟମନ୍ତ୍ରୀ ନିଜେ ପ୍ରତି ମାସରେ ପ୍ରକଳ୍ପର ସମୀକ୍ଷା କରିବେ ବୋଲି ବୈଠକରୁ ଜଣାପଡ଼ିଛି । ରାଜ୍ୟରେ ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ବର୍ତ୍ତମାନ ସୁଦ୍ଧା ୩୨୨ଟି ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି ।

## କ୍ଷେପଣାସ୍ତ୍ର ପରୀକ୍ଷଣ

ବାଲେଶ୍ୱର ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ରରୁ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ଦୂରଗାମୀ କ୍ଷେପଣାସ୍ତ୍ର 'ପିନାକା'ର ସଫଳ ପରୀକ୍ଷଣ ହୋଇଛି । ପରୀକ୍ଷଣ ସମୟରେ ନିୟୋଜିତ ସମସ୍ତ ଅତ୍ୟାଧୁନିକ ଦୂରଗାମୀ ଲକ୍ଷ୍ୟଭେଦୀ କ୍ଷେପଣାସ୍ତ୍ରର ଗତିପଥକୁ ସଫଳତାର ସହ ଟ୍ରାକ୍ କରିଥିଲା । ଏହି କ୍ଷେପଣାସ୍ତ୍ର ୬୦ କିଲୋମିଟର ଦୂରତା ପର୍ଯ୍ୟନ୍ତ ଲକ୍ଷ୍ୟ ଭେଦ କରିପାରିବ ।

## ରାସ୍ତା ନିର୍ମାଣ

ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ରାସ୍ତା, ସେତୁ ଓ କୋଠାବାଡ଼ି ନିର୍ମାଣ ପ୍ରକଳ୍ପଗୁଡ଼ିକୁ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ କରିବା ଉପରେ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୁରୁତ୍ୱାରୋପ କରିଛନ୍ତି। ଲୋକସେବା ଭବନରେ ଅନୁଷ୍ଠିତ ବିଭାଗୀୟ ସମୀକ୍ଷା ବୈଠକରେ ଧାର୍ଯ୍ୟ ସମୟ

ମଧ୍ୟରେ କାର୍ଯ୍ୟ ସମ୍ପନ୍ନ କରିବା ଏବଂ ମାସିକ ସମୀକ୍ଷା ବୈଠକ ମାଧ୍ୟମରେ କାର୍ଯ୍ୟର ଅଗ୍ରଗତି ଓ ସମସ୍ୟାର ସମାଧାନ ପାଇଁ ଅଧିକାରୀମାନଙ୍କୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପରାମର୍ଶ ଦେଇଥିଲେ ।

## ରୋଡ୍‌ମ୍ୟାପ୍

କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଭୁବନେଶ୍ୱରରେ ଆୟୋଜିତ ଜାତୀୟ କର୍ମଶାଳା 'ଭୁବନେଶ୍ୱର ଘୋଷଣାନାମା' ଗ୍ରହଣ ସହ ଉଦ୍‌ଯାପିତ ହୋଇଛି। ଜନଜାତି ଜ୍ଞାନ, ଗବେଷଣା, ନବସୃଜନ ଓ ପ୍ରମାଣଭିତ୍ତିକ ନୀତି ନିର୍ଦ୍ଧାରଣକୁ ସୁଦୃଢ଼ କରି 'ବିକଶିତ ଭାରତ-୨୦୪୭' ଲକ୍ଷ୍ୟ ସାକାର ଦିଗରେ ଏହି ଘୋଷଣାନାମାକୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କର୍ମଶାଳାରେ କୁହାଯାଇଛି।

## ଜିଲ୍ଲାପାଳ- ରିପୋର୍ଟ ଦାଖଲ

ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ବେସରକାରୀ ନର୍ସିଂ ଶିକ୍ଷାନୁଷ୍ଠାନଗୁଡ଼ିକର ବ୍ୟାପକ ଯାଞ୍ଚ କରି ଚଳିତ ମାସ ଶେଷ ସୁଦ୍ଧା ଡିଏମଇଟିଙ୍କ ନିକଟରେ ରିପୋର୍ଟ ଦାଖଲ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ନିର୍ଦ୍ଦେଶ ଦେଇଛନ୍ତି। ଲୋକସେବା ଭବନରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଶ୍ରୀ ମହାଲିଙ୍ଗ କହିଛନ୍ତି, ଯାଞ୍ଚରେ କୌଣସି ଅନିୟମିତତା ଧରାପଡ଼ିଲେ ସମ୍ପୃକ୍ତ ଅନୁଷ୍ଠାନ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବୈଠକରେ ବର୍ଷା ଋତୁ ଓ ରଥଯାତ୍ରା ସମୟରେ ଜଳବାହିତ ଓ

ସଂକ୍ରାମକ ରୋଗ ନିୟନ୍ତ୍ରଣ ପାଇଁ ଚାଲିଥିବା 'ଷ୍ଟପ୍ ଡାଇରିଆ କ୍ୟାମ୍ପେନ'ର ମଧ୍ୟ ସମୀକ୍ଷା କରାଯାଇଥିଲା ।

## ଆହାର କେନ୍ଦ୍ର

କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ କଟକ ମହାନଗର ନିଗମ ପକ୍ଷରୁ ଏକ ନୂଆ 'ଆହାର କେନ୍ଦ୍ର'ର ଶୁଭାରମ୍ଭ ହୋଇଛି । ୬୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି କେନ୍ଦ୍ରରେ ପ୍ରତିଦିନ ୬୦୦ ଜଣଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଓ ୪୦୦ ଜଣଙ୍କ ପାଇଁ ରାତ୍ରୀ ଭୋଜନର ବ୍ୟବସ୍ଥା ରହିଛି ।

## ହୀରାକୁଦ ଗେଟ୍

ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଉଥିବାରୁ ଆଜି ପୂର୍ବାହ୍ନ ୧୧ଟାରେ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯିବ । ପ୍ରଥମ ଦିନ ପର୍ଯ୍ୟାୟକ୍ରମେ ୧ ଲକ୍ଷ କ୍ୟୁସେକ୍ ଜଳ ନିଷ୍କାସନ ହେବ । ନିୟମ ଅନୁସାରେ ପ୍ରଥମେ ୭ ନମ୍ବର ଗେଟ୍ ଖୋଲାଯିବ ସହ ପରେ ୪ଟି ଗେଟ୍ ଖୋଲିବା ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଆଜି ସକାଳ ୬ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୪ ଦଶମିକ ୬/୫ ଘନଫୁଟ ରହିଛି । ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡ୍‌ରେ ୧ ଲକ୍ଷ ୬୪ ହଜାର ୯ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ସେହି ସମୟ ମଧ୍ୟରେ ୨୭ ହଜାର ୫୯୦ ଘନଫୁଟି ଜଳ ନିଷ୍କାସିତ ହେଉଛି ।

ଜଳଭଣ୍ଡାରରୁ ଜଳ ନିଷ୍କାସନକୁ ଦୃଷ୍ଟିରେ ରଖି କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ମହାନଦୀ ଓ ଏହାର ସମସ୍ତ ଶାଖା ନଦୀରେ ଗାଧୋଇବା, ପହଁରିବା କିମ୍ବା ମାଛଧରାକୁ ନିଷିଦ୍ଧ କରିଛନ୍ତି। ନଦୀ ଘାଟରେ ମାଇକ୍ ଯୋଗେ ସଚେତନତା ସୃଷ୍ଟି, ନୋଡାଲ ଅଧିକାରୀ ନିୟୋଜନ ଓ ପୁଲିସ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

---

## କାର୍ଯ୍ୟାନ୍ୱୟନ

ଗଞ୍ଜାମ ଜିଲ୍ଲାର ଛତ୍ରପୁରଠାରେ ଜିଲ୍ଲାସ୍ତରୀୟ କାର୍ଯ୍ୟାନ୍ୱୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ଓ ଆଗାମୀ କାର୍ଯ୍ୟ ଯୋଜନାର ସମୀକ୍ଷା କରାଯିବା ସହ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ସୁଦୃଢ଼ କରିବା ଉପରେ ଆଲୋଚନା ହୋଇଥିଲା। ଜିଲ୍ଲାପାଳ ପ୍ରବାସୀ ଶ୍ରମିକଙ୍କ ପଞ୍ଜୀକରଣ ବ୍ୟବସ୍ଥାକୁ ସୁଦୃଢ଼ କରିବା, ଗଞ୍ଜାମ-୩୬୦ ଆପ୍ ମାଧ୍ୟମରେ ପ୍ରବାସ ସମ୍ବନ୍ଧୀୟ ତଥ୍ୟର ଡିଜିଟାଲାଇଜେସନ୍ ଏବଂ ପ୍ରବାସ ଆକଳନ ସର୍ଭେର ସଫଳତା ଆଧାରରେ ଏହାକୁ ସମଗ୍ର ଜିଲ୍ଲାରେ ସମ୍ପ୍ରସାରଣ କରିବା ଉପରେ ଗୁରୁତ୍ୱ ଦେଇଥିଲେ।

---

## ଉନ୍ନୟନ କାର୍ଯ୍ୟ ସମୀକ୍ଷା

ନବରଙ୍ଗପୁର ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ନନ୍ଦାହାଣ୍ଡି ବ୍ଲକ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ସରକାରୀ ସେବା ପ୍ରଦାନର ସ୍ଥିତି ସମୀକ୍ଷା କରିଛନ୍ତି। ଶ୍ରୀ ସ୍ୱାଇଁ ବିଭିନ୍ନ ବିଭାଗର କାର୍ଯ୍ୟଧାରା, ରେକର୍ଡ ସଂରକ୍ଷଣ

ଏବଂ ଜନଅଭିଯୋଗର ସମାଧାନ ସମ୍ପର୍କରେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ ।

---

## ଆଦର୍ଶ ଗ୍ରାମ

ଗଞ୍ଜାମ ଜିଲ୍ଲାରେ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ୧୮୧ଟି ଗ୍ରାମ ଚୟନ କରାଯାଇଛି । ସେଥିମଧ୍ୟରୁ ୪୦ ପ୍ରତିଶତରୁ ଅଧିକ ଅନୁସୂଚିତ ଜାତି ଜନସଂଖ୍ୟା ଥିବା ଗ୍ରାମଗୁଡ଼ିକର ଭିତିଭୂମି ବିକାଶ ପାଇଁ ପ୍ରତି ଗ୍ରାମ ନିମନ୍ତେ ୪୦ ଲକ୍ଷ ଟଙ୍କା ବ୍ୟୟ କରାଯିବ ବୋଲି ଜଣାପଡ଼ିଛି ।

---

## ଯକ୍ଷ୍ମାରୋଗ

ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନିକ୍ଷୟ ପୋଷଣ ଯୋଜନା ଅଧୀନରେ ୬୦ ଯକ୍ଷ୍ମାରୋଗୀଙ୍କୁ ପୋଷଣ କିଟ ବଣ୍ଟନ କରାଯାଇଛି । ଏହି ଅଭିଯାନ ମାଧ୍ୟମରେ ଜିଲ୍ଲାର ୮୦୦ ଜଣ ରୋଗୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ପ୍ରତିମାସ ନିୟମିତ ଭାବେ ପୋଷଣ କିଟ ପ୍ରଦାନ କରାଯାଉଛି ।

---

## ରଥଯାତ୍ରା

ନବରଙ୍ଗପୁର ଜିଲ୍ଲାରେ ରଥଯାତ୍ରାକୁ ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ସମ୍ପନ୍ନ କରିବା ଲକ୍ଷ୍ୟରେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ରଥଯାତ୍ରାକୁ ନେଇ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଶ୍ରଦ୍ଧାଳୁଙ୍କ ସୁରକ୍ଷା, ସୁବିଧା ଓ ସୁଚାରୁ ଦର୍ଶନ ବ୍ୟବସ୍ଥାକୁ ସର୍ବାଧିକ ପ୍ରାଥମିକତା ଦେବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଛି ।

---

# ପାଣିପାଗ

ରାଜ୍ୟରେ ବର୍ଷାର ପରିମାଣ ହ୍ରାସ ପାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୪ ଦିନ ପର୍ଯ୍ୟନ୍ତ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବର୍ଷା ହେବା ନେଇ ସୁନ୍ଦରଗଡ଼, ଅନୁଗୁଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।